
# ସତ୍ୟପ୍ରକାଶ



# THE WORD OF TRUTH

SEP & OCT 2007

AN ORIYA BIMONTYLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No. 80, Kakinada
A.P. - 533 001,
Ph : 0884 - 2363722

**VOL. 12 Sep & Oct...2007 (No.5)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 am and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XII KAKINADA SEP-OCT

## ଲଜ୍ଜାବୋଧ ନ କର
## (Don't be Ashamed)

ଅନେକ ଖ୍ରୀଷ୍ଟଙ୍କ ସୁସମାଚାର ବିଷୟରେ ଲଜ୍ଜାବୋଧ କରନ୍ତି । ସେମାନେ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କରନ୍ତି ଓ ତାହାଙ୍କ ଅନୁସରଣ କରନ୍ତି ବୋଲି ଅନ୍ୟମାନଙ୍କୁ ଜଣାଇବାକୁ ଇଚ୍ଛା କରନ୍ତି ନାହିଁ । ଖ୍ରୀଷ୍ଟ ଆପଣା ରକ୍ତ ଦ୍ୱାରା ମଣ୍ଡଳୀ କ୍ରୟ କରିବାକୁ ଏବଂ ସେହି ମଣ୍ଡଳୀରେ ହିଁ ପରିତ୍ରାଣ ଅଛି ବୋଲି ପ୍ରକଟ କରିବାକୁ ଲୋକେ ଲଜ୍ଜାବୋଧ କରନ୍ତି । ସତ୍ୟ ନିମନ୍ତେ ଠିଆ ହେବାକୁ ଏବଂ ଅସତ୍ୟର ପ୍ରତିରୋଧ କରିବାକୁ ଅନେକେ ପଛଘୁଞ୍ଚା ଦିଅନ୍ତି ।

କାହିଁକି ମନୁଷ୍ୟମାନେ ଅସତ୍ୟର ପ୍ରତିରୋଧ ନ କରି ନିରବ ରହନ୍ତି ? ଜଗତର ପ୍ରେମ ଓ ଜାଗତିକ ଲୋକମାନଙ୍କ ସହିତ ସହଭାଗୀତା ମନୁଷ୍ୟମାନଙ୍କୁ ଅସତ୍ୟରେ ସହମତ ରହିବାରେ ସାହାଯ୍ୟ କରିଥାଏ । ଅସତ୍ୟର ପ୍ରତିରୋଧ ନ କରି ଅନ୍ୟମାନଙ୍କ ସହିତ ଶାନ୍ତିରେ ବାସ କରିବାକୁ ସେମାନେ ଇଚ୍ଛା କରନ୍ତି । କିନ୍ତୁ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଠାରୁ ମରଣ ଶ୍ରେୟସ୍କର ମଣୁଥିଲେ । ''ସେଥିରେ ସେମାନେ ଯେ ସେହି ନାମ ସକାଶେ ଅପମାନ ଭୋଗିବାକୁ ଯୋଗ୍ୟ ବୋଲି ଗଣିତ ହୋଇଥିଲେ, ସେଥି ନିମନ୍ତେ ସେମାନେ ଆନନ୍ଦ କରୁ କରୁ ମହାସଭାରୁ ବାହାରିଗଲେ,.........'' (ପ୍ରେରିତ ୫:୪୧)

ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, ''କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ । ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ସେଥିରେ ତ' ଈଶ୍ୱରଦତ୍ତ ଧାର୍ମିକତା ପ୍ରକାଶିତ ହେଉଅଛି, ତାହା ବିଶ୍ୱାସମୂଳକ ଓ ବିଶ୍ୱାସଜନକ ଯେପରି ଲେଖାଅଛି, ''ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ।''

ଯେପରି ଲେଖାଅଛି, ''ଦେଖ, ଆମ୍ଭେ ସିୟୋନରେ ଗୋଟିଏ ବାଧାଜନକ ପ୍ରସ୍ତର ଓ ବିଘ୍ନଜନକ ପାଷାଣ ସ୍ଥାପନ କରୁଅଛୁ, ଆଉ, ଯେ ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ ।'' (ରୋମୀୟ ୯:୩୩) ''ଯେଣୁ ଶାସ୍ତ୍ର କହେ, ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ ।'' (ରୋମ ୧୦:୪) ।

ଫିଲିପ୍ ମଣ୍ଡଳୀକୁ ପାଉଲ କହନ୍ତି, ''ଏ ସମ୍ବନ୍ଧରେ ମୋହର ଏକାନ୍ତ ଆକାଂକ୍ଷା ଓ ଭରସା ଅଛି ଯେ ମୁଁ କୌଣସି ବିଷୟରେ ଲଜ୍ଜିତ ହେବି ନାହିଁ, କିନ୍ତୁ ସର୍ବଦା ଯେଉଁପରି, ଏବେ ମଧ୍ୟ ସେହିପରି ଅତି ସାହସରେ, ଜୀବନରେ ହେଉ ବା ମରଣରେ ହେଉ, ଖ୍ରୀଷ୍ଟଙ୍କୁ ମୋହର ଶରୀରରେ ମହିମାନ୍ୱିତ କରିବି ।'' (ଫିଲିପ୍ ୧:୨୦)

ପ୍ରେରିତ ପାଉଲ ତୀମଥିଙ୍କୁ କହନ୍ତି, ''ଆମ୍ଭମାନଙ୍କ ପ୍ରଭୁଙ୍କ ସମ୍ବନ୍ଧରେ ସାକ୍ଷ୍ୟ ଦେବା  ବିଷୟରେ କିମ୍ବା ତାହାଙ୍କ ନିମନ୍ତେ ବନ୍ଦୀ ଯେ ମୁଁ, ମୋ ବିଷୟରେ ଲଜ୍ଜିତ ନ ହୁଅ । ବରଂ ଈଶ୍ୱରଙ୍କ ଶକ୍ତି ଅନୁସାରେ ସୁସମାଚାର ନିମନ୍ତେ ମୋ' ସହିତ କ୍ଳେଶ ସହ୍ୟ କର । ସେ ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ଓ ପବିତ୍ର ଆହ୍ୱାନରେ ଆହ୍ୱାନ କରିଅଛନ୍ତି । ଆମ୍ଭମାନଙ୍କ କାର୍ଯ୍ୟାନୁସାରେ ସେ ତାହା କରିନାହାନ୍ତି, ମାତ୍ର ତାହାଙ୍କ ନିଜ ସଂକଳ୍ପ ଓ ଅନୁଗ୍ରହ ଅନୁସାରେ କରିଅଛନ୍ତି, ସେହି ଅନୁଗ୍ରହ ଅନାଦି କାଳ ପୂର୍ବରୁ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଆମ୍ଭମାନଙ୍କୁ ପ୍ରଦତ୍ତ ହୋଇଥିଲା । କିନ୍ତୁ ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ଖ୍ରୀଷ୍ଟଯୀଶୁଙ୍କର ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି । ସେ ମୃତ୍ୟୁକୁ ଲୋପ କରିଅଛନ୍ତି, ପୁଣି ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି ... ... ଏହି କାରଣରୁ ମଧ୍ୟ ମୁଁ ଏହିସବୁ ଦୁଃଖଭୋଗ କରୁଅଛି, ତଥାପି ମୁଁ ଲଜ୍ଜିତ ନୁହେଁ, କାରଣ ମୁଁ ଯାହାଙ୍କ ଠାରେ ବିଶ୍ୱାସ କରିଅଛି, ତାହାଙ୍କୁ ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ରୂପେ ବିଶ୍ୱାସ କରୁଅଛି ।'' (୨ୟ ତୀମଥି ୧:୮-୧୨)

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି, ''ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କର, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ୟ ତୀମଥି ୨:୧୫) । ପରମେଶ୍ୱର ଓ ତାହାଙ୍କ ସନ୍ତାନମାନଙ୍କ ବିଷୟରେ ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି, ''କାରଣ ଯାହାଙ୍କ ନିମନ୍ତେ ଓ ଯାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ, ଅନେକଙ୍କୁ ଗୌରବରେ ପ୍ରବେଶ କରାଇବାରେ ସେମାନଙ୍କ ପରିତ୍ରାଣର କର୍ତ୍ତାଙ୍କୁ ଦୁଃଖଭୋଗ

ଦ୍ୱାରା ସିଦ୍ଧ କରିବା ତାହାଙ୍କର ଉପଯୁକ୍ତ ଥିଲା । ଯେଣୁ ଯେ ପବିତ୍ର କରନ୍ତି ଓ ଯେଉଁମାନେ ପବିତ୍ରୀକୃତ ହୁଅନ୍ତି, ସେମାନେ ସମସ୍ତେ ଏକ ପିତାଙ୍କର ସନ୍ତାନ, ସେଥି ନିମନ୍ତେ ସେ ସେମାନଙ୍କୁ ଭ୍ରାତା ବୋଲି କହିବାକୁ ଲଜ୍ଜିତ ନୁହଁନ୍ତି । ଯେପରି ସେ କହନ୍ତି, "ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣା କରିବି, ସମାଜ ମଧ୍ୟରେ ତୁମ୍ଭର ପ୍ରଶଂସା ଗାନ କରିବି ।" (ଏବ୍ରୀ ୨:୧୦-୧୨) "କିନ୍ତୁ ସେମାନେ ଗୋଟିଏ ଉତ୍କୃଷ୍ଟତର, ଅର୍ଥାତ୍ ସ୍ୱର୍ଗୀୟ ଦେଶର ଆକାଂକ୍ଷା କରୁଥିଲେ । ଏହେତୁ ଈଶ୍ୱର ସେମାନଙ୍କର ଈଶ୍ୱର ବୋଲି ଖ୍ୟାତ ହେବାକୁ ସେମାନଙ୍କ ସମ୍ବନ୍ଧରେ ଲଜ୍ଜିତ ନୁହଁନ୍ତି, କାରଣ ସେ ସେମାନଙ୍କ ନିମନ୍ତେ ଗୋଟିଏ ନଗର ପ୍ରସ୍ତୁତ କରିଅଛନ୍ତି ।" (ଏବ୍ରୀ ୧୧:୧୬)

ପିତରଙ୍କ ଭାଷାରେ, "ଯେପରି ତୁମ୍ଭମାନଙ୍କ ନିନ୍ଦକମାନେ ଯେଉଁ ବିଷୟରେ ତୁମ୍ଭମାନଙ୍କ ଖ୍ରୀଷ୍ଟୀୟ ଆଚରଣର ଦୋଷାରୋପ କରନ୍ତି, ଦୁଃଖଭୋଗ କରିବା ଠାରୁ ବରଂ ଯଦି ଈଶ୍ୱରଙ୍କର ଇଚ୍ଛା ହୁଏ, ତାହାହେଲେ ସତ୍କର୍ମ ସକାଶେ ଦୁଃଖଭୋଗ କରିବା ଭଲ । ଯେଣୁ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ । ସେ ଶରୀରରେ ମୃତ୍ୟୁଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ ।" (୧ମ ପିତର ୩:୧୬-୧୮) ............"ଏଣୁ ତୁମ୍ଭମାନଙ୍କ ମଧ୍ୟରୁ କେହି ହତ୍ୟାକାରୀ, କି ଚୋର, କି ଦୁରାଚାରୀ, କି ଅନଧିକାର ଚର୍ଚ୍ଚାକାରୀ ହୋଇ ଦଣ୍ଡଭୋଗ ନ କରୁ, କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୫, ୧୬)

ଯୀଶୁଖ୍ରୀଷ୍ଟ କହିଲେ, "ଆଉ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବା ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି ।" (ମାଥିଉ ୧୦:୩୨,୩୩) ପୁନର୍ବାର ସେ କହନ୍ତି, "ଯେଣୁ ଯେ କେହି ଏହି କାଳର ବ୍ୟଭିଚାରୀ ଓ ପାପିଷ୍ଠ ଲୋକମାନଙ୍କ ମଧ୍ୟରେ ମୋହର ଓ ମୋହର ବାକ୍ୟ ବିଷୟରେ ଲଜ୍ଜାବୋଧ କରେ, ମନୁଷ୍ୟପୁତ୍ର ଯେତେବେଳେ ପବିତ୍ର ଦୂତମାନଙ୍କ ସହିତ ଆପଣା ପିତାଙ୍କ ମହିମାରେ ଆଗମନ କରିବେ, ସେତେବେଳେ ସେ ମଧ୍ୟ ତାହା ବିଷୟରେ ଲଜ୍ଜାବୋଧ କରିବେ ।" (ମାର୍କ ୮:୩୮)

ପ୍ରିୟ ବନ୍ଧୁ, ପରମେଶ୍ୱରଙ୍କ ସମ୍ମୁଖରେ ସ୍ଥିତି କ'ଣ ?

ତାହାଙ୍କ ଠାରେ ଆପଣ ବିଶ୍ୱାସ କରୁଅଛନ୍ତି ନା ଅବିଶ୍ୱାସ କରୁଅଛନ୍ତି ?

(ଏବ୍ରୀ ୧୭:୬, ଯୋହନ ୧୪:୧)

- ବିଶ୍ୱାସ କରି ବାପ୍ତିଜିତ ହେବାକୁ ଇଚ୍ଛା କରୁଅଛନ୍ତି ନା ମନୁଷ୍ୟର ଶିକ୍ଷା ଅନୁସରଣ କରିବାକୁ ଇଚ୍ଛା କରନ୍ତି ।
- ଆପଣ ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀରେ ସଂଯୁକ୍ତ ହେବାକୁ ଇଚ୍ଛା କରନ୍ତି ବା ମନୁଷ୍ୟ ସ୍ଥାପିତ ମଣ୍ଡଳୀରେ ଯୋଗଦେବାକୁ ଇଚ୍ଛା କରନ୍ତି । (ମାଥିଉ ୧୬:୧୮)
- ଆପଣ ଖ୍ରୀଷ୍ଟଙ୍କ ନାମ ଧାରଣ କରିବାକୁ ଇଚ୍ଛା କରନ୍ତି କିମ୍ବା ମନୁଷ୍ୟର ନାମ ଧାରଣ କରିବାକୁ ଇଚ୍ଛା କରନ୍ତି ?

ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାର ଦିନରେ ବିଚାରିତ ହେବା । ଖ୍ରୀଷ୍ଟଙ୍କ ଇଚ୍ଛା ଓ ତାହାଙ୍କ ବାକ୍ୟ ଅସ୍ୱୀକାର ନ କର । ତାହାଙ୍କ ବିଷୟରେ ଲଜ୍ଜାବୋଧ ନକର । ତାହାଙ୍କ ଠାରେ ବିଶ୍ୱାସ କର, ତାହାଙ୍କ ବାକ୍ୟ ପାଳନ କର ତାହାଙ୍କ ନିମନ୍ତେ ଜୀବନଯାପନ କର, ତାହିଁରେ ସେ ଆପଣଙ୍କୁ ଆପଣାଇ ଅନନ୍ତ ଜୀବନ ରୂପ ଗୃହରେ ସ୍ଥାନ ଦେବେ ।

**- J.C. Choate**

❋❋❋

# ଯେ ଜୟ କରେ...

## (To whom that overcometh... )

ଖ୍ରୀଷ୍ଟିୟାନ ଜୀବନ ଏକ ଯୁଦ୍ଧଭୂମି ରୂପେ ଅନେକ ପଦରେ ବର୍ଣ୍ଣିତ ହୋଇଅଛି । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜଣେ ସୈନିକ । ସଦାପ୍ରଭୁ ଯୋଦ୍ଧାମାନଙ୍କ ରାଜା ଅଟନ୍ତି । ମିସର ଦେଶର ଦାସତ୍ୱରୁ ମୁକ୍ତ ହେବା ପରେ ଇଶ୍ରାଏଲ୍‌ର ସମାଜରେ ମୋଶା ଗୀତ ଗାନ କରି କହିଲେ, "ସଦାପ୍ରଭୁ ଆମ୍ଭର ବଳ ଓ ଗାନ, ପୁଣି ସେ ଆମ୍ଭର ପରିତ୍ରାଣ ହୋଇଅଛନ୍ତି, ସେ ଆମ୍ଭର ପରମେଶ୍ୱର, ଆମ୍ଭେ ତାହାଙ୍କର ପ୍ରଶଂସା କରିବା, ସେ ଆମ୍ଭମାନଙ୍କ ପୈତୃକ ପରମେଶ୍ୱର, ଆମ୍ଭେ ତାହାଙ୍କର ଗୁଣାନୁବାଦ କରିବା, ସଦାପ୍ରଭୁ ଯୁଦ୍ଧବୀର, ସଦାପ୍ରଭୁ ତାଙ୍କର ନାମ ।" (ଯାତ୍ରା ୧୫:୨,୩) ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ନେତା । ସେ ଜଗତରେ ଜନ୍ମଗ୍ରହଣ କରିବା ସମୟରୁ ସଦାପ୍ରଭୁଙ୍କ ଓ ଆମ୍ଭମାନଙ୍କ ଶତ୍ରୁ ଶୟତାନ ତାହାଙ୍କୁ ବିନାଶ କରିବା ନିମନ୍ତେ ଅନେକ ଚେଷ୍ଟା କରିଥିଲା, ପୂର୍ବଦେଶୀୟ ପଣ୍ଡିତମାନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ବିଷୟରେ ଜ୍ଞାତ ହୋଇ, ହେରୋଦ ରାଜା

ବେଥଲିହିମ ଓ ତାହାର ସୀମା ମଧ୍ୟରେ ଥିବା ଦୁଇବର୍ଷରୁ ନ୍ୟୁନ ବୟସ୍କ ଶିଶୁମାନଙ୍କୁ ବଧ କରିଥିଲେ । କିନ୍ତୁ ଯୋସେଫ ସ୍ୱପ୍ନାଦେଶ ପାଇ ଶିଶୁଯୀଶୁ ଓ ତାହାଙ୍କ ମାତା ମରିୟମଙ୍କୁ ମିସର ଦେଶ ନେଇଯାଇ, ହେରୋଦଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ ରହିଲେ । (ମାଥିଉ ୨ୟ ପର୍ବ) ।

ଯୀଶୁଖ୍ରୀଷ୍ଟ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ପରେ ୪୦ ଦିନ ଉପବାସରେ ବିତାଇ ଥିଲେ । ତତ୍ପରେ ଶୟତାନ ଦ୍ୱାରା ପରୀକ୍ଷିତ ହୋଇ ବିଜୟୀ ହୋଇଥିଲେ । ମାଥିଉ (୪:୧-୧୧, ଲୁକ ୪:୧-୧୫) ଯୀଶୁଖ୍ରୀଷ୍ଟ ଏହି ଜଗତରେ ଶୟତାନ କାର୍ଯ୍ୟ ବିନାଶ କରିବା ନିମନ୍ତେ ଆସିଥିଲେ ସେ ଶୟତାନଙ୍କୁ ଧାର୍ମିକ ଜୀବନଯାପନ କରି, ମୃତ୍ୟୁରୁ ପୁନଃରୁଥିତ ହୋଇ ପରାଜିତ କରିଅଛନ୍ତି । ତାହାଙ୍କ ଆଜ୍ଞାବହ ଓ ଅନୁସରଣକାରୀମାନେ ଜାଗତିକ ଜୀବନରେ ବିଜୟୀ ହେବେ ।

ପ୍ରେରିତ ପାଉଲ ଅଜ୍ଞାନ ଯୋଗୁଁ ଯୀଶୁଖ୍ରୀଷ୍ଟଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲେ, କିନ୍ତୁ ସେ ବିଜାତୀୟ ମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ପ୍ରେରିତ ଓ ଏକ ମନୋନୀତ ପାତ୍ର । ଦମ୍ମେସକର ସଳଖ ନାମକ ସଡ଼କରେ ଯୀଶୁଖ୍ରୀଷ୍ଟ ପ୍ରତ୍ୟକ୍ଷ ଦର୍ଶନ ତାହାଙ୍କ ଜୀବନ ବଦଳାଇ ଦେଇଥିଲା । ସେ ନିଜେ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ଯୋଦ୍ଧା ରୂପେ ପ୍ରାଣପଣ କଲେ. ସେ ତୀମଥିଙ୍କୁ ଲେଖନ୍ତି, ''ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର, ଅନନ୍ତ ଜୀବନ ଧରି ରଖ... ଖ୍ରୀଷ୍ଟ ଯୀଶୁଙ୍କର ଜଣେ, ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଲେଶ ସହ୍ୟ କର ।'' (୧ମ ତୀମଥି ୬:୧୨, ୨ୟ ତୀମଥି ୨:୩) ସେ ଆପଣା ବିଷୟରେ କହନ୍ତି,''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି......'' (୨ ତୀମଥି ୪:୭) ସେ ଆମ୍ଭମାନଙ୍କୁ କହନ୍ତି,''.......ପ୍ରଭୁଙ୍କ ଠାରୁ ଶକ୍ତି ପ୍ରାପ୍ତ ହୋଇ ତାହାଙ୍କ ପରାକ୍ରମରେ ବଳବାନ ହୁଅ, ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚାତୁରି ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥି ନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଂଜ୍ଞାରେ ଆପଣା ଆପଣାକୁ ସୁସଜ୍ଜିତ କର । କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ ନୁହେଁ, ଏହି ଅନ୍ଧକାରର ଜଗତପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶ ମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ, ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥି ନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଜା ଗ୍ରହଣ କର । ଅତଏବ ସତ୍ୟରୂପ କଟିବନ୍ଧନୀରେ କଟି ବାନ୍ଧି ଧାର୍ମିକତାରୂପ ଉରସ୍ତ୍ରାଣ ପରିଧାନ କର, ଶାନ୍ତିଦାୟକ ସୁସମାଚାର ନିମନ୍ତେ ସୁସଜ୍ଜିତା ରୂପ ପାଦୁକା

ହୋଇଥାଅ, ସେଥି ସଙ୍ଗେ ସଙ୍ଗେ ଯଦ୍ଵାରା ପାପାତ୍ମାର ଅଗ୍ନିବାଣ ସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢ଼ାଲ ଧର । ପୁଣି ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ, ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର, ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର ।'' (ଏଫିସୀ ୬:୧୦-୧୮) ଆମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାପ୍ତ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଖୋଜି ବୁଲୁଥିବାରୁ (୧ମ ପିତର ୫:୮), ଖ୍ରୀଷ୍ଟଦତ୍ତ ଯୁଦ୍ଧସଜ୍ଜା ପରିଧାନ କରୁ ।

ଖ୍ରୀଷ୍ଟିୟାନମାନେ ସମ୍ମୁଖୀନ ହେଉଥିବା ଆତ୍ମିକ ଯୁଦ୍ଧ ସେମାନଙ୍କ ଶକ୍ତିରୁ ଅଧିକ । ବାଳକ ଦାଉଦ, ପାଲେଷ୍ଟୀୟ ଯୋଦ୍ଧା ଗାଲ୍ଲିୟାତ ବିରୁଦ୍ଧରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ସମୟରେ ସେ କହିଲେ,''.........ଏହି ଯୁଦ୍ଧ ସଦାପ୍ରଭୁଙ୍କର'' (୧ମ ଶାମୁୟେଲ ୧୭:୪୭) ସେ ସଦାପ୍ରଭୁଙ୍କ ସାହାଯ୍ୟରେ ବିଜୟୀ ହୋଇଥିଲେ, ବିଜୟୀ ଯୀଶୁଖ୍ରୀଷ୍ଟଙ୍କ ପାଦଚିହ୍ନ ଅନୁସରଣ କଲେ ଆମ୍ଭେମାନେ ବିଜୟୀ ହୋଇପାରିବା । ବିଜୟୀ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଖ୍ରୀଷ୍ଟ ଅନେକ ଆଶୀର୍ବାଦ ସଞ୍ଚିତ କରିଅଛନ୍ତି । ଯୀଶୁଖ୍ରୀଷ୍ଟ କହନ୍ତି,''..........ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନବୃକ୍ଷର ଫଳ ଖାଇବାକୁ ଦେବୁ । (ପ୍ରକାଶିତ ବାକ୍ୟ ୨:୭) ' ''ଯେ ଜୟ କରେ, ସେ ଦ୍ୱିତୀୟ ମୃତ୍ୟୁ ଦ୍ୱାରା କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହେବ ନାହିଁ ।'' (ପ୍ରକାଶିତ ବାକ୍ୟ ୨:୧୧) ''ଯେ ଜୟ କରେ, ତାହାକୁ ଆମ୍ଭେ ଗୁପ୍ତ ମାନ୍ନା ଦେବୁ ପୁଣି ଯେଉଁ ନାମ ଗ୍ରହଣକର୍ତ୍ତା ବିନା ଅନ୍ୟ କେହି ଜାଣେ ନାହିଁ, ଏପରି ନୂତନ ନାମ ଲିଖିତ ଏକ ଶ୍ୱେତ ପ୍ରସ୍ତର ଦେବୁ ।'' (ପ୍ରକାଶିତ ୨:୧୭) ''ଯେ ଜୟ କରେ ଓ ଶେଷ ପର୍ଯ୍ୟନ୍ତ ଆମ୍ଭର କର୍ମ କରେ, ଆମ୍ଭେ ଯେପରି ଆମ୍ଭର ପିତାଙ୍କ ଠାରୁ କ୍ଷମତାପ୍ରାପ୍ତ ହୋଇଅଛୁ, ତାହାକୁ ମଧ୍ୟ ସେହିପରି ସମସ୍ତ ଜାତି ଉପରେ କ୍ଷମତା ଦେବୁ, ସେ ସେମାନଙ୍କୁ ଲୌହଦଣ୍ଡ ଦ୍ୱାରା ଶାସନ କରିବ, ଆଉ ସେମାନେ କୁମ୍ଭକାରର ପାତ୍ର ପରି ଖଣ୍ଡ ଖଣ୍ଡ ହେବେ, ପୁଣି ଆମ୍ଭେ ତାହାକୁ ପ୍ରଭାତୀ ତାରା ଦେବୁ ।'' (ପ୍ରକାଶିତ ୨:୨୬-୨୮) ''ଯେ ଜୟ କରେ, ସେ ଏହି ପ୍ରକାର ଶୁକ୍ଳ ବସ୍ତ୍ର ପରିହିତ ହେବ ।'' (ପ୍ରକାଶିତ ୩:୫) ''ଯେ ଜୟ କରେ ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ କରିବୁ, ସେ ଆଉ ସେଠାରୁ ବାହାରକୁ ଯିବେ ନାହିଁ, ଆମ୍ଭେ ଆମ୍ଭର ଈଶ୍ୱରଙ୍କ ନାମ ଓ ସ୍ୱର୍ଗରୁ ତାହାଙ୍କ ଠାରୁ ଆଗତ ଯେଉଁ ନୂତନ ଯିରୁଶାଲମ, ଆମ୍ଭର ଈଶ୍ୱରଙ୍କ ସେହି ନଗରୀର ନାମ ପୁଣି ଆମ୍ଭ ନିଜର ନୂତନ ନାମ ତାହା ଉପରେ

ଲେଖିବୁ ।'' (ପ୍ରକାଶିତ ୩:୧୨)  ''ଆମ୍ଭେ ଯେପରି ଜୟ କରି ଆମ୍ଭର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛୁ, ସେପରି ଯେ ଜୟ କରେ, ଆମ୍ଭେ ତାହାଙ୍କୁ ଆମ୍ଭ ସହିତ ଆମ୍ଭର ସିଂହାସନରେ ବସିବାକୁ ଦେବୁ ।'' (ପ୍ରକାଶିତ ୩:୨୧)

ଆପଣ କି ବିଜୟୀ ହୋଇ ଈଶ୍ୱରଙ୍କ ସଞ୍ଚିତ ଆଶୀଷ ସକଳର ସହଭାଗୀ ହେବାକୁ ଚାହାନ୍ତି ? ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ଆପଣା ପାପ ନିମନ୍ତେ ମନପରିବର୍ତ୍ତନ କରନ୍ତୁ । ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ଅନ୍ୟମାନଙ୍କ ନିକଟରେ ସ୍ୱୀକାର କରି, ତାହାଙ୍କ ନାମରେ ବାପ୍ତିଜିତ ହେଉନ୍ତୁ । ଦିନ ପ୍ରତିଦିନ ସମ୍ମୁଖୀନ ହେଉଥିବା ଶୟତାନର ବାଣକୁ ବାକ୍ୟ ଶକ୍ତିପ୍ରାପ୍ତ ହୋଇ ବିଜୟୀ ହେଲେ, ଆମ୍ଭେମାନେ ନିତ୍ୟ ଜୀବନରୂପ ମୁକୁଟ ପାଇପାରିବା ।

*- Kabita Gootam*

❋❋❋

# ମଣ୍ଡଳୀରେ ସ୍ତ୍ରୀର କାର୍ଯ୍ୟ

## (The work of women in the Church )

ଖ୍ରୀଷ୍ଟଧର୍ମ ସ୍ଥାପନର ପ୍ରାରମ୍ଭ ବେଳାରେ, ପୁରୁଷ ଓ ସ୍ତ୍ରୀ ଉଭୟ ଏହାର ବ୍ୟାପ୍ତିରେ କାର୍ଯ୍ୟ କରିଥିଲେ । ମାକଦନିଆର ଫିଲିପ ନଗରରେ ସ୍ତ୍ରୀମାନେ ପ୍ରଥମେ ପ୍ରଭୁଙ୍କ ବାକ୍ୟ ଗ୍ରହଣ କରି ବାପ୍ତିଜିତ ହୋଇଥିଲେ, ତାହା ପ୍ରେରିତ ୧୬:୧୩-୧୫ ପଦରେ ପଢ଼ିପାରୁ । ପାଉଲ ଓ ତାହାଙ୍କ ସଙ୍ଗୀମାନଙ୍କ ଉଦ୍ୟମରେ ଲୂଦିଆ ନାମ୍ନୀ ଏକ ସ୍ତ୍ରୀ ଓ ତାହାଙ୍କ ପରିବାର ବାପ୍ତିଜିତ ହୋଇଥିଲେ । ତାହାଙ୍କ ପରିବାରରେ ଅଧିକାଂଶ ସ୍ତ୍ରୀ ଥିଲେ ବୋଲି ମନେକରୁ । ଫିଲିପୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖିଥିବା ପତ୍ରିକାରେ ମଣ୍ଡଳୀରେ କାର୍ଯ୍ୟ କରିଥିବା ସ୍ତ୍ରୀମାନଙ୍କୁ ସେ ପ୍ରଶଂସା କରି ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ମଣ୍ଡଳୀ ଅଧକ୍ଷମାନଙ୍କୁ ନିବେଦନ କରି କହନ୍ତି, ''......ହେ ପ୍ରକୃତ ସହକାରୀ ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ୍ୟ ନିବେଦନ କରୁଅଛି......'' । (ଫିଲିପ ୪:୩) ଖ୍ରୀଷ୍ଟଙ୍କ ମଣ୍ଡଳୀ ନିମନ୍ତେ ସ୍ତ୍ରୀମାନଙ୍କ କାର୍ଯ୍ୟ ଅପରିମିତ । ଉତ୍ତମ, ଧାର୍ମିକ ଓ ମହାନ୍ ସ୍ତ୍ରୀମାନଙ୍କ ମଣ୍ଡଳୀରେ କାର୍ଯ୍ୟର ଅପାର ବିବରଣ, ଶେଷ ବିଚାରଦିନରେ ହିଁ ଜାଣିପାରିବା ।

ମଣ୍ଡଳୀରେ ସ୍ତ୍ରୀମାନଙ୍କ କାର୍ଯ୍ୟ ବିଷୟରେ ଅନେକ ସମୟରେ ଅନେକ ସ୍ଥାନରେ

ଚର୍ଚ୍ଚିତ ହେଉଅଛି । ସ୍ତ୍ରୀମାନଙ୍କ ମଣ୍ଡଳୀର କାର୍ଯ୍ୟ ବିଷୟ ଅନେକ ବିବାଦର କାରଣ । ବାଇବଲରେ ଲିଖିତ ବାକ୍ୟ ହିଁ ଆମ୍ଭମାନଙ୍କ ଅନୁସରଣ ଯୋଗ୍ୟ ଆଦର୍ଶ । ପରମେଶ୍ୱର ନିରୂପିତ ସୀମା ମଧ୍ୟରେ ରହି, ଅନେକ ସ୍ତ୍ରୀମାନେ ପ୍ରଭୁଙ୍କ ନିମନ୍ତେ ଅନେକ ଉତ୍ତମ କାର୍ଯ୍ୟ କରିଥିବା ବାଇବଲରେ ପଢ଼ିଥାଉ ।

ସ୍ତ୍ରୀର କାର୍ଯ୍ୟର ସୀମା:- ସ୍ତ୍ରୀର କାର୍ଯ୍ୟକଳାପ ପରିମିତ କରାଯାଇଅଛି ବୋଲି ଆଶ୍ଚର୍ଯ୍ୟ ହୁଅ ନାହିଁ, କାରଣ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ କାର୍ଯ୍ୟ ମଧ୍ୟ, ଏହି ଜଗତରେ ସୀମିତ ହୋଇଥିଲା । ଯୋହନ ୬:୩୮ରେ ଲେଖାଯାଏ,''କାରଣ ମୁଁ ନିଜ ଇଚ୍ଛା ସାଧନ କରିବାକୁ ଅବତରଣ ନ କରି ବରଂ ମୋହର ପ୍ରେରଣକର୍ତ୍ତାଙ୍କ ଇଚ୍ଛା ସାଧନ କରିବାକୁ ସ୍ୱର୍ଗରୁ ଅବତରଣ କରିଅଛି ।'' ଯୀଶୁଖ୍ରୀଷ୍ଟ ଆପଣା ସୁଖ ଚେଷ୍ଟା କରିନଥିଲେ, ତଥାପି 'ନିନ୍ଦକମାନଙ୍କ ନିନ୍ଦା' ତାହାଙ୍କ ଉପରେ ପଡ଼ିଲା (ରୋମୀୟ ୧୫:୩) । ପିତା ପରମେଶ୍ୱରଙ୍କ ଆଜ୍ଞାବହ ହେବାରୁ ସେ କୌଣସିମତେ ନ୍ୟୁନ ହୋଇନଥିଲେ । ପୁରାତନ ନିୟମର ଭାବବାଦୀମାନେ, ପ୍ରେରିତମାନେ, ନୂତନ ନିୟମର ଭାବବାଦୀ ଓ ପ୍ରଚାରକ ପ୍ରତ୍ୟେକ ପିତା ପରମେଶ୍ୱରଙ୍କ ଆଜ୍ଞାଧିନ ହୋଇ ତାହାଙ୍କ ଇଚ୍ଛା ପାଳନ କରିଥିଲେ, ତଦ୍ୱାରା ସେମାନେ କୌଣସିମତେ ନ୍ୟୁନ ନ ହୋଇ ବରଂ ଗୌରବାନ୍ୱିତ ହୋଇଥିଲେ । ୧ମ କରିନ୍ଥୀ ୧୧:୩ ପଦଗୁଡ଼ିକରେ ପ୍ରେରିତ ପାଉଲ ଆଧିପତ୍ୟର ସ୍ତର ବର୍ଣ୍ଣନା କରି କହନ୍ତି, ଈଶ୍ୱର ଖ୍ରୀଷ୍ଟଙ୍କ ମସ୍ତକ ସ୍ୱରୂପ, ଖ୍ରୀଷ୍ଟ ପୁରୁଷର ମସ୍ତକ ସ୍ୱରୂପ ଓ ପୁରୁଷ ସ୍ତ୍ରୀର ମସ୍ତକ ସ୍ୱରୂପ ବୋଲି କହିଅଛନ୍ତି । ଏତଦ୍ୱାରା ଖ୍ରୀଷ୍ଟଙ୍କ ଐଶ୍ୱରିକତାରେ କୌଣସି ପ୍ରଭେଦ ଆସିନାହିଁ । ପୁରୁଷ ଖ୍ରୀଷ୍ଟଙ୍କ ଅଧିନରେ ଥିବାରୁ, ସେ କୌଣସିମତେ ଅନ୍ୟ ଜନ୍ତୁ ସହିତ ସମାନ ନୁହେଁ । ତେବେ ସ୍ତ୍ରୀ ପୁରୁଷର ଆଜ୍ଞାବହ ହେବା ଦ୍ୱାରା ସେ କାହିଁକି ନ୍ୟୁନ ହେବ ? ବାଇବଲ ଶିକ୍ଷାନୁଯାୟୀ ଆଜ୍ଞାବହତା ଅର୍ଥ ନିମ୍ନସ୍ଥାନ ନୁହେଁ ।

ଏହିସବୁ କାରଣ ସକାଶେ ସ୍ତ୍ରୀ, ମଣ୍ଡଳୀର ଅଧ୍ୟକ୍ଷ ରୂପେ ନିଯୁକ୍ତ ହୋଇନପାରେ । ୧ମ ତିମଥି ୩:୧ ପଦରେ, ଅଧ୍ୟକ୍ଷରୂପେ ନିଯୁକ୍ତିଯୋଗ୍ୟ ପୁରୁଷମାନଙ୍କ ଯୋଗ୍ୟତା ବିଷୟରେ ପାଉଲ ବର୍ଣ୍ଣନା କରିଅଛନ୍ତି, ଯେଉଁସବୁ ଯୋଗ୍ୟତା ସ୍ତ୍ରୀ ପ୍ରାପ୍ତ ହୋଇନପାରେ, ଦ୍ୱିତୀୟରେ, ସ୍ତ୍ରୀ ମଣ୍ଡଳୀରେ 'ସେବକ' ରୂପେ ନିଯୁକ୍ତ ହୋଇନପାରେ । କାରଣ ୧ମ ତିମଥି ୩:୧୨ରେ ବର୍ଣ୍ଣିତ 'ସେବିକା'ର ଯୋଗ୍ୟତା ସେ ହାସଲ କରିପାରେ ନାହିଁ । ତୃତୀୟରେ, ପୁରୁଷମାନେ ପୂର୍ଣ୍ଣକ୍ଷମତା ସହ ଅନ୍ୟମାନଙ୍କୁ ଉତ୍ସାହ ଓ ଅନୁଯୋଗ ଦେବାକୁ ଆଦେଶିତ ହୋଇଥିବାରୁ ଓ ସ୍ତ୍ରୀମାନେ ପୁରୁଷମାନଙ୍କ

ଉପରେ କ୍ଷମତା ପାଇନଥିବାରୁ, ସ୍ତ୍ରୀମାନେ 'ସୁସମାଚାର ପ୍ରଚାରକ' (Evangelist) ରୂପେ ନିଯୁକ୍ତ ହୋଇପାରନ୍ତି ନାହିଁ । ଚତୁର୍ଥରେ ଏହିସବୁ କାରଣ ସକାଶେ ସ୍ତ୍ରୀ ପରିବାରର ମଧ୍ୟ ମସ୍ତକରୂପେ ରହି ନପାରେ । ପୁରୁଷର କାର୍ଯ୍ୟ କରିବାକୁ ଆଗ୍ରହୀ ସ୍ତ୍ରୀମାନଙ୍କ କାର୍ଯ୍ୟ ଦ୍ୱାରା ପରିସ୍ଥିତି ଶୋଚନୀୟ ହୋଇଥାଏ । ଥରେ ଜଣେ ବୁଦ୍ଧିମତୀ ସ୍ତ୍ରୀ କହିଥିଲେ, ''କେତୋଟି କାର୍ଯ୍ୟ ପୁରୁଷ କରେ ଓ ଅନ୍ୟସବୁ ସ୍ତ୍ରୀର କାର୍ଯ୍ୟ । ଦୁଇର ମିଶ୍ରଣ କ୍ଷତିଦାୟକ ।''

"There are somethings men have to do and other things women have to do. They have no business getting them all mixed up."

**ସ୍ତ୍ରୀର କର୍ତ୍ତବ୍ୟ :** ସେ ଖ୍ରୀଷ୍ଟଙ୍କ ବିଷୟ ଶିକ୍ଷା କରି, ବାପ୍ତିଜିତ ହୋଇ ଖ୍ରୀଷ୍ଟିୟାନ ହେବା ଆବଶ୍ୟକ । ଖ୍ରୀଷ୍ଟିୟ ଗୁଣରେ ଅଭିବୃଦ୍ଧି ପାଇ, ଆତ୍ମାଙ୍କ ଫଳରେ ଆପଣାକୁ ଭୂଷିତ କରିବା ଆବଶ୍ୟକ । (୨ ପିତର ୧:୫-୭ ଓ ଗାଲାତୀ ୫:୨୨-୨୩) । ଏକ ଉତ୍ତମ ଖ୍ରୀଷ୍ଟିୟାନକୁ ବିବାହ କରି ଏକ ଉତ୍ତମ ଭାର୍ଯ୍ୟା ଓ ମାତାର କାର୍ଯ୍ୟ କରିବା ସ୍ତ୍ରୀମାନଙ୍କ ନିମନ୍ତେ ପରମେଶ୍ୱରଙ୍କ ଅଭିମତ ଅଟେ । ସେ ଆପଣା ସ୍ୱାମୀର ଅନୁରୂପ ସହକାରିଣୀ । (ଆଦି ୨:୧୮) । ଏକ ଉତ୍ତମ ଭାର୍ଯ୍ୟା, ପୁରୁଷ ନିମନ୍ତେ ସଦାପ୍ରଭୁଙ୍କ ଅନୁଗ୍ରହ ଦାନ (ହିତ ୧୮:୨୨,୧୯:୧୪) । ସେ ଆପଣା କାର୍ଯ୍ୟଦ୍ୱାରା ଏକ ଉତ୍ତମ ସ୍ତ୍ରୀରୂପେ ଖ୍ୟାତି ପାଏ (ହିତ ୩୧:୧୦-୩୧) । ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ସ୍ତ୍ରୀମାନେ ପରିବାରର ରାଣୀ । (Titus 2:4-5) । ଶତ୍ରୁମାନଙ୍କୁ ନିନ୍ଦା କରିବାକୁ ଯେପରି ସୁଯୋଗ ନ ମିଳେ, ଯୁବତୀମାନେ ବିବାହ କରି, ସନ୍ତାନ ପ୍ରସବ କରି ଗୃହକାର୍ଯ୍ୟ ପରିଚାଳନା କରନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । (୧ମ ତିମଥି ୫:୧୪) । ପିତରଙ୍କ ଭାର୍ଯ୍ୟା ସଦୃଶ୍ୟ, ଆପଣା ସ୍ୱାମୀଙ୍କ ସୁସମାଚାର ପ୍ରଚାର କାର୍ଯ୍ୟରେ ସହଭାଗୀ ହେଲେ ପରମେଶ୍ୱର ଗୌରବାନ୍ୱିତ ହୁଅନ୍ତି । (ପିତର ୩:୧-୬) ସ୍ତ୍ରୀମାନେ, ଆପଣା ସ୍ୱାମୀମାନଙ୍କ ସହିତ ଜୀବନରୂପ ଅନୁଗ୍ରହ ଦାନର ସହାଧିକାରିଣୀ ବୋଲି ୧ମ ପିତର ୩:୭ ପଦରେ ପ୍ରେରିତ ପୀତର ଉଲ୍ଲେଖ କରନ୍ତି ।

ସ୍ତ୍ରୀ, ଅନ୍ୟ ସ୍ତ୍ରୀମାନଙ୍କୁ ଶିକ୍ଷା ଦେଇପାରେ । ସେ ଆପଣା ସନ୍ତାନମାନଙ୍କୁ ତଥା ଅନ୍ୟ ବାଳକବାଳିକାମାନଙ୍କୁ ଶିକ୍ଷା ଦେଇପାରେ । (ତିତ ୨:୩-୫, ୨ ତିମଥି

୧:୫, ୩:୧୪-୧୫) । ଉତ୍ତମ କାର୍ଯ୍ୟ ଦ୍ୱାରା ସ୍ତ୍ରୀ ସୁଖ୍ୟାତି ପ୍ରାପ୍ତ ହୁଏ । (୧ମ ତିମଥି ୫:୧୦) । ଉତ୍ତମ ଖ୍ରୀଷ୍ଟିୟାନ ସ୍ତ୍ରୀ ଆପଣା ସ୍ୱାମୀଙ୍କ କାର୍ଯ୍ୟରେ ଉତ୍ତମ ସହକାରିଣୀ । ଅଧ୍ୟକ୍ଷ, ସେବକ, ସୁସମାଚାର ପ୍ରଚାରକମାନଙ୍କ ନିମନ୍ତେ ଧାର୍ମିକା ଭାର୍ଯ୍ୟା, ସୁବର୍ଣ୍ଣ ଠାରୁ ମୂଲ୍ୟବାନ । ପଡ଼ିଶାଘର ଓ ଆପଣା ସାହିର ବାଳକବାଳିକାମାନଙ୍କୁ ଆପଣା ଘରକୁ ଆହ୍ୱାନ କରି ପରମେଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଉଥିବା ସ୍ତ୍ରୀଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ । ରୋଗୀମାନଙ୍କୁ ପରାମର୍ଶ କରିବା, ନୂତନ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିବା ସ୍ତ୍ରୀମାନଙ୍କୁ କାର୍ଯ୍ୟର ଏକ ଅଂଶ । ମୋ ମତରେ, ପ୍ରଭୁଭୋଜ ପ୍ରସ୍ତୁତ କରିବା, ସ୍ତ୍ରୀ ଓ ଉପାସନାରେ ପ୍ରଭୁଭୋଜ ବାଣ୍ଟିବା, ପୁରୁଷମାନେ ସମାନଭାବେ ଆଶୀର୍ବାଦ ପ୍ରାପ୍ତ ହେବେ । ବିଶ୍ୱାସୀକୁ ବାପ୍ତିସ୍ମ ନିମନ୍ତେ ପ୍ରସ୍ତୁତକାରିଣୀ ସ୍ତ୍ରୀ ଓ ବାପ୍ତିସ୍ମ ଦେବା ପୁରୁଷ ସମାନ ଭାବେ ଆଶୀର୍ବାଦ ହେବେ । ତେବେ... କିଏ କହେ ସ୍ତ୍ରୀମାନଙ୍କ ନିମନ୍ତେ ମଣ୍ଡଳୀରେ କିଛି କାର୍ଯ୍ୟ ନାହିଁ ?

**ସ୍ତ୍ରୀ କାହିଁକି ଖ୍ରୀଷ୍ଟଙ୍କ ନିମନ୍ତେ କାର୍ଯ୍ୟ କରିବା ଆବଶ୍ୟକ ? :** ''.....କୃତଜ୍ଞତାରେ.... ଯେଉଁ ଯେଉଁ ସ୍ତ୍ରୀର ଜୀବନରେ ଉନ୍ନତି ହୋଇଅଛି, ଯେଉଁମାନେ ଖ୍ରୀଷ୍ଟଙ୍କୁ ସମ୍ମାନ କରନ୍ତି, ସେମାନେ ସ୍ତ୍ରୀ ଜାତିକୁ କେବଳ ଏକ ଶାରୀରିକ ଅଭିଳାଷର ତୃପ୍ତି ନିମନ୍ତେ ନିର୍ମିତ ଜାତି ବୋଲି ମନେ କରନ୍ତି ନାହିଁ । ଖ୍ରୀଷ୍ଟଧର୍ମ ସ୍ତ୍ରୀ ଜାତିକୁ ଏକ ଉନ୍ନତ ଓ ଗୌରବମୟ ସ୍ଥାନକୁ ଆଣିଅଛି । ସ୍ତ୍ରୀମାନେ ଖ୍ରୀଷ୍ଟୀୟ ସେବାରେ ଲିପ୍ତ ହୋଇ ଆପଣା ପରିତ୍ରାଣ ସାଧନ କରିବା ଆବଶ୍ୟକ । ସଦାପ୍ରଭୁଙ୍କ ଅନୁଗ୍ରହ ଓ ଆପଣା ଆପଣା ଆଜ୍ଞାବହତା ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ । ଆପଣା ଉପରେ ନ୍ୟସ୍ତ କର୍ତ୍ତବ୍ୟ ସେ କେବଳ ନିଜେ କରିପାରେ । ସେ ନିଜେ ନ କଲେ, ଆଉ କିଏ କରିବ ? ସେ କାମ ଅଧୁରା ରହିଯିବ, ସ୍ତ୍ରୀ, କାର୍ଯ୍ୟ କରି ପରମେଶ୍ୱରଙ୍କ ପ୍ରତି ଆପଣା ପ୍ରେମ ପ୍ରକାଶିତ କରିପାରିବ ।'' ପ୍ରେରିତ ଯୋହନ କହନ୍ତି, ''ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ ।'' (୧ମ ଯୋହନ ୫:୩) ଖ୍ରୀଷ୍ଟଙ୍କ ସେବାରେ ଆଗେଇ ଯିବା ନିମନ୍ତେ ଜଣେ ଖ୍ରୀଷ୍ଟିୟାନ ସ୍ତ୍ରୀ ନିମନ୍ତେ ଏହିସବୁ କାରଣ କି ଯଥେଷ୍ଟ ନୁହେଁ ?

**ଖ୍ରୀଷ୍ଟଙ୍କ ନିମନ୍ତେ କାର୍ଯ୍ୟକାରି ଈଶ୍ୱରଭକ୍ତ ସ୍ତ୍ରୀଗଣ :** ସୁଖାର ପ୍ରାଣମୟ ଶମିରୋଣୀୟ ସ୍ତ୍ରୀଙ୍କର ଜୀବନ ଯୀଶୁଖ୍ରୀଷ୍ଟଙ୍କ ସହିତ ସମ୍ପର୍କରେ ପରିବର୍ତ୍ତିତ ହୋଇଥିଲା । ତାହାଙ୍କ ସାକ୍ଷ୍ୟ ଦ୍ୱାରା ଅନେକେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷିତ ହୋଇଥିଲେ । ସାତ ଦୁଷ୍ଟଆତ୍ମାରୁ ମୁକ୍ତ ମଗଦଲୀନୀ ମରିୟମ ଯୀଶୁଖ୍ରୀଷ୍ଟଙ୍କ ବିଶ୍ୱସ୍ତା ଶିଷ୍ୟା ଥିଲେ ।

ପୁନଃରୁତ୍ଥିତ ଯୀଶୁଙ୍କୁ ପ୍ରଥମେ ଦେଖିବାର ସୌଭାଗ୍ୟ ସେ ପ୍ରାପ୍ତ ହୋଇଥିଲେ (ମାର୍କ ୧୬:୯) । କାଲବରୀରେ ମୃତ୍ୟୁଭୋଗିବା ପୂର୍ବେ ବେଥନୀୟ ଗ୍ରାମସ୍ଥ ମରିୟମ ଯୀଶୁଖ୍ରୀଷ୍ଟଙ୍କୁ ଜଟାମାଂସୀ ତୈଳରେ ଅଭିଷିକ୍ତ କରି ତାହାଙ୍କ ଠାରୁ ପ୍ରଶଂସା ପାଇଥିଲେ । (ମାର୍କ ୧୪:୩-୯) ପ୍ରେରିତମାନଙ୍କ କାର୍ଯ୍ୟାବଳୀର ୧୨ମ ଅଧ୍ୟାୟରେ, ଏକ ମରିୟମ ବିଷୟରେ ପଢ଼ୁ, ଯାହାର ଗୃହ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପ୍ରାର୍ଥନାସ୍ଥଳ ଥିଲା । ତାହାଙ୍କ ସୁପ୍ରତିପାଳନରେ ପ୍ରତିପାଳିତ ତାହାଙ୍କ ପୁତ୍ର 'ମାର୍କ' ଆମ୍ଭମାନଙ୍କ ନିମନ୍ତେ ସୁସମାଚାର ଲେଖିଅଛନ୍ତି । 'ପ୍ରିସ୍କିଲା' ଆପଣା ସ୍ୱାମୀ ଆକ୍ୱିଲାଙ୍କ ସହ ଅନେକ ସୁସମାଚାର କାର୍ଯ୍ୟରେ ମଗ୍ନ ଥିଲେ । ଖ୍ରୀଷ୍ଟିୟ ସ୍ୱାମୀ ଓ ସ୍ତ୍ରୀ ନିମନ୍ତେ ଏମାନେ ଏକ ଆଦର୍ଶ ଯୋଡ଼ି । ଲୋୟି ଓ ଇଉନୀକୀଙ୍କର ତିମଥି ଜୀବନରେ ପ୍ରଭାବ ଆମ୍ଭମାନଙ୍କ ଅଜଣା ନୁହେଁ । ରୋମୀୟ ୧୬:୧-୨ ଫୌବୀଙ୍କ ସତ୍‌କାର୍ଯ୍ୟ ବିଷୟରେ ପଢ଼ିଥାଉଁ । ସ୍ତ୍ରୀ ଏକ ଭଉଣୀ, ଦାସୀ, ସାଧ୍ୱୀ ଓ ବିଭିନ୍ନ ପାତ୍ର ଗ୍ରହଣ କରିଥାଏ । ଆଜିର ସ୍ତ୍ରୀ ନିମନ୍ତେ ମଧ୍ୟ ଅନେକ ପାତ୍ର ଦତ୍ତ ହୋଇଅଛି । ସୁସମାଚାର କାର୍ଯ୍ୟରେ ସାହାଯ୍ୟକାରିଣୀ ଯୋଗ୍ୟ ସ୍ତ୍ରୀମାନଙ୍କୁ ପ୍ରେରିତ ପାଉଲ ପ୍ରଶଂସା କରିବା ବିଷୟ ଆମ୍ଭେମାନେ ଫିଲିପୀ ୪:୩ ପଦରେ ପଢ଼ିଥାଉଁ । ରୋମୀୟ ୧୬:୧୩ ରୁଫଙ୍କ ମାତା ବିଷୟରେ ଉଲ୍ଲେଖ କରାଯାଇଅଛି । ତାହାଙ୍କୁ ପାଉଲ ଆପଣା ମାତା ରୂପେ ସମ୍ମାନିତ କରୁଥିଲେ ।

କେତେ ଗୌରବ, ସମ୍ମାନ, ସୁଫଳ ସଦାପ୍ରଭୁ ପରମେଶ୍ୱର ସ୍ତ୍ରୀ ଜାତିକୁ ପ୍ରଦାନ କରିଅଛନ୍ତି, ଏପରି ସୁନ୍ଦର, କୋମଳ, ସୁମଧୁର ସ୍ତ୍ରୀ ଜାତିମାନଙ୍କ ନିମନ୍ତେ ସଦାପ୍ରଭୁଙ୍କୁ ଧନ୍ୟବାଦ ହେଉ ! ସ୍ତ୍ରୀ ସ୍ୱାଧୀନତା ସଂଗ୍ରାମକାରୀମାନେ ଆକାଂକ୍ଷା କରୁଥିବା ଠାରୁ ଅଧିକଭାବେ ସଦାପ୍ରଭୁ ସ୍ତ୍ରୀଜାତିକୁ ଅଳଙ୍କାରିତ କରିଅଛନ୍ତି ।

*- Robert R. Taylor Jr.*

❋❋❋

# ଜଗତର ଜ୍ୟୋତିଃ
## (Light of the World)

"ତୁମ୍ଭେମାନେ ଜଗତର ଜ୍ୟୋତିଃ । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ହୋଇ ରହି ନପାରେ, କିଅବା ଲୋକେ ଦୀପ ଜାଳି ମାଣ ତଳେ ରଖନ୍ତି ନାହିଁ, ମାତ୍ର ଦୀପରୁଖା ଉପରେ ରଖନ୍ତି, ସେଥିରେ ତାହା ଗୃହରେ ଥିବାସ ମସ୍ତ ଲୋକଙ୍କୁ ଆଲୋକ

ଦିଏ । ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସୁକର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।'' (ମାଥିଉ ୫:୧୪-୧୬)

ଜ୍ୟୋତିଃ, ଅନ୍ଧକାରକୁ ଦୂର କରେ ଓ ବିଷୟଗୁଡ଼ିକ ସୁସ୍ପଷ୍ଟ କରେ । ସୂର୍ଯ୍ୟ ଦ୍ୱାରା, ଅଗ୍ନି ଦ୍ୱାରା, ମଶାଲ, ଦୀପ, ବିଦ୍ୟୁତ ବଲ୍ବ ପ୍ରଭୃତି ଦ୍ୱାରା ଆମ୍ଭେମାନେ ଆଲୋକ ପ୍ରାପ୍ତ ହେଉ । ଅନ୍ଧକାର ଆମ୍ଭମାନଙ୍କୁ ଭୟକ୍ରାନ୍ତ କରେ, ଯେହେତୁ ଅନ୍ଧକାରରେ ଆମ୍ଭେମାନେ କଅଣ କରୁଛୁ, କୁଆଡ଼େ ଯାଉଛୁ, ଜାଣି ନପାରୁ । ଜ୍ୟୋତିଃ ଆମ୍ଭମାନଙ୍କୁ ପଥ ଦର୍ଶାଏ । ଅନ୍ଧମାନେ ସମ୍ପୂର୍ଣ୍ଣ ଅନ୍ଧକାରରେ ବାସ କରନ୍ତି ଓ ଚତୁଃପାର୍ଶ୍ୱର ବାତାବରଣ ବିଷୟରେ ଅନେକ ସମୟରେ ଅଜ୍ଞ ରୁହନ୍ତି । ଅନ୍ଧକାରରେ ମନୁଷ୍ୟମାନେ ଗୁରୁତର ଅପରାଧ କରିଥାନ୍ତି । କିନ୍ତୁ ଯେଉଁମାନେ ଉତ୍ତମ କର୍ମ କରନ୍ତି, ସେମାନଙ୍କ କର୍ମ ଆଲୋକରେ ପ୍ରକାଶିତ ହେବାରେ ଲଜ୍ଜିତ ନୁହନ୍ତି ।

ଉପରୋକ୍ତ ବାକ୍ୟରେ ଯୀଶୁଖ୍ରୀଷ୍ଟ ଏକ ଜାଗତିକ ଉଦାହରଣ ଦ୍ୱାରା ଆତ୍ମିକ ବିଷୟ ଶିକ୍ଷା ଦିଅନ୍ତି । ପ୍ରଥମେ, ସେ ଖ୍ରୀଷ୍ଟିୟାନମାନଙ୍କୁ ଲବଣ ସହିତ ତୁଳନା କରନ୍ତି । ଲବଣ ଯେପରି ସ୍ୱାଦଯୁକ୍ତ ଓ କୀଟନାଶକ ଅଟେ, ଖ୍ରୀଷ୍ଟିୟାନମାନେ ମଧ୍ୟ ଏହି ପୃଥିବୀର ସ୍ୱାଦ ଓ କୀଟନାଶକ ଅଟନ୍ତି । ତାହାଙ୍କ ବାକ୍ୟ ଅନୁସରଣକାରୀମାନେ ଲବଣ ତଥା ଜଗତର ଜ୍ୟୋତିଃ ଅଟନ୍ତି ।

ଯୀଶୁଖ୍ରୀଷ୍ଟ ସମସ୍ତ ଜୀବଜଗତର ଜ୍ୟୋତିଃ ଅଟନ୍ତି । (ଯୋହନ ୧:୪, ୭-୯, ୨ ତିମଥି ୧:୧୦) । ସେ ସୃଷ୍ଟି ଆରମ୍ଭରେ ଈଶ୍ୱରଙ୍କ ସହିତ ଥିଲେ, ସେ ଈଶ୍ୱର ଥିଲେ ଓ ଈଶ୍ୱର ଅଟନ୍ତି । (ଯୋହନ ୧:୧-୩, ୧୦-୩୦, ଫିଲିପ ୨:୫-୭, ଏବ୍ରୀ ୧:୧-୩) । ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ମନୁଷ୍ୟରୂପ ଧାରଣ କରି, ପିତା ପରମେଶ୍ୱରଙ୍କ ଆଜ୍ଞାବହ ହେଲେ । (ଯୋହନ ୬:୩୮, ଏବ୍ରୀ ୫:୮) । ତାହାଙ୍କ ଶିକ୍ଷା, ପିତା ପରମେଶ୍ୱରଙ୍କ ଦୈବୀକ ଆଜ୍ଞା (ଲୂକ ୪:୧୬-୨୧, ଯୋହନ ୧:୧୪, ୩:୩୪-୩୫, ୭:୧୬, ୮:୨୮-୨୯) । ନୂତନ ନିୟମରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚାରିତ ବାକ୍ୟ ଲିଖିତ ହୋଇଅଛି, ତାହାହିଁ ଜଗତର ଜ୍ୟୋତିଃ । (ଗୀତ ୧୧୯:୧୦୫,୧୩୦, ଯିଶାଇୟ ୪୯:୬, ୬୦:୨୦, ଯୋହନ ୮:୧୨, ପ୍ରେରିତ ବାକ୍ୟ ୨୬:୧୫-୧୮, ଏଫିସୀ ୫:୧୪, ୧ମ ଯୋହନ ୧:୭)

ଆଲୋକ ବିକଶିତ ହେଲେ, ତାହା ଦ୍ୱାରା ଆମ୍ଭେମାନେ ସୁଫଳ ପାଇପାରୁ ।

ନୂତନ ନିୟମରେ ବର୍ଣ୍ଣିତ ଜ୍ୟୋତିସ୍ୱରୂପ ବାକ୍ୟର ଅନୁସରଣ କଲେ ହେଁ ଆମ୍ଭେମାନେ ଆଶୀର୍ବାଦ ପାଇପାରୁ । ଆମ୍ଭମାନଙ୍କ ପଥରେ ତାହାଙ୍କ ବାକ୍ୟ ରୂପ ଜ୍ୟୋତି ସମସ୍ତ ଭୟରୁ ଆପଦରୁ ରକ୍ଷା କରେ । (ରୋମ ୮:୩୧-୩୯) । ଯଦି ଆମ୍ଭେମାନେ ତାହାଙ୍କ ଜ୍ୟୋତି ଦ୍ୱାରା ଜ୍ୟୋତିମୟ ହେଉଁ, ତେବେ ଅନେକଙ୍କୁ ସେହି ଜ୍ୟୋତି ନିକଟକୁ ଆକର୍ଷଣ କରିପାରିବା । ଏତଦ୍ୱାରା ପରମେଶ୍ୱର ମହିମାନ୍ୱିତ ହେବେ । ଅତଏବ ତାହାଙ୍କ ବାକ୍ୟ ଧ୍ୟାନ କରି, ଆଜ୍ଞାବହ ହୁଅ ତେବେ ତୁମେ ଏହି ଜଗତର ଜ୍ୟୋତି ହୋଇପାରିବ ।

"ରାତ୍ରୀ ପାହାନ୍ତା ହେଉଅଛି, ଦିବସ ସନ୍ନିକଟ, ଅତଏବ ଆସ, ଆମ୍ଭେମାନେ ଅନ୍ଧକାରର କର୍ମସବୁ ତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରୁ । ରଙ୍ଗରସ ଓ ମତ୍ତତାରେ, ଲମ୍ପଟତା ଓ କାମୁକତାରେ, ବିବାଦ ଓ ଇର୍ଷାରେ, ଆଚରଣ ନକରି ଆସ, ଆସ ଆମ୍ଭେମାନେ ଦିବସର ବିହିତ ଆଚରଣ କରୁ ।

ପୁଣି,ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବସ୍ତ୍ରରୂପେ ପରିଧାନ କର, ଆଉ କୁଅଭିଳାଷ ଉଦ୍ରେକ କରିବା ସକାଶେ ଶରୀର ନିମନ୍ତେ ଆୟୋଜନ କର ନାହିଁ ।" (ରୋମୀୟ ୧୩:୧୨-୧୪)

*- J.C. Leifeste*

❋❋❋

# ଆପଣ କେଉଁ ବିଷୟରେ ଉତ୍ତରାଧିକାରୀ ?

## (What will you Inherit ?)

ଯେବେ ଖ୍ରୀଷ୍ଟ ଏହି ଜଗତକୁ ଫେରି ଆସିବେ, ସୃଷ୍ଟି ଆରମ୍ଭରୁ ଏହି ଜଗତରେ ଜାତ ପ୍ରତ୍ୟେକ ମନୁଷ୍ୟର ବିଚାର କରିବେ । (୧ମ କରିନ୍ଥୀ ୧୫:୨୩-୨୪, ଯୋହନ ୫:୨୮-୨୯ ପିତର ୩:୧୦-୧୩, ୨ କରିନ୍ଥୀ ୩:୧୦-୧୩, ୨ କରିନ୍ଥୀ ୫:୧୦, ପ୍ରେରିତ ୧୭:୩୧, ପ୍ରକାଶିତ ୨୦:୧୧-୧୫) ସେ ଦିନରେ ଆପଣ କଅଣ ଅଧିକାର କରିବେ ? "......ପୁନଃର୍ବାର ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖିପାରେ ନାହିଁ ।....ଜଳ ଓ ଆତ୍ମାରୁ ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।" (ଯୋହନ ୩:୫) "......ଆସ, ମୋହର ପିତାଙ୍କ ଆଶୀର୍ବାଦପ୍ରାପ୍ତ ମାନେ, ତୁମ୍ଭମାନଙ୍କ ନିମନ୍ତେ ଜଗତର ପତ୍ତନାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି ସେଥିରେ

ଅଧିକାରୀ ହୁଅ । କାରଣ.....ତୁମ୍ଭେମାନେ ମୋତେ ଭୋଜନ କରାଇଲ.....ପାନ କରିବାକୁ ଦେଲ,....ମୋତେ ଆଶ୍ରୟ ଦେଲ........ମୋତେ ବସ୍ତ୍ର ପରିଧାନ କରାଇଲ.....ମୋତେ ସଂଖୋଳିଲ, ........କାରାଗାରରେ ଥିଲି ମୋ ନିକଟକୁ ଆସିଲ ।'' (ମାଥିଉ ୨୫:୩୪-୩୬)

''..........ତୁମ୍ଭେମାନେ ନିଶ୍ଚୟ ରୂପେ ଜାଣ ଯେ, କୌଣସି ବ୍ୟଭିଚାରୀ ବା ଅଶୁଦ୍ଧାଚାରୀ ବ୍ୟକ୍ତି ବା ଲୋଭୀ - ସେତ ଦେବପୂଜକ - ଏମାନଙ୍କର ଖ୍ରୀଷ୍ଟ ଓ ଈଶ୍ୱରଙ୍କର ରାଜ୍ୟରେ ଅଧିକାର ନାହିଁ ।'' (ଏଫିସୀ ୫:୫)

''ତୁମ୍ଭେମାନେ ଯାହା କିଛି କର, ପ୍ରଭୁଙ୍କ ନିମନ୍ତେ କଲା ପରି ଅନ୍ତର ସହ ତାହା କର, ମନୁଷ୍ୟ ନିମନ୍ତେ କଲା ପରି କର ନାହିଁ । ପ୍ରଭୁଙ୍କ ଠାରୁ ଉତ୍ତରାଧିକାର ରୂପ ପୁରସ୍କାର ଯେ ପାଇବ, ଏହା ତ ତୁମ୍ଭେମାନେ ଜାଣ, ତୁମ୍ଭେମାନେ ପ୍ରଭୁ ଖ୍ରୀଷ୍ଟଙ୍କର ସେବା କର ।'' (କଲସୀ ୩:୨୩-୨୪) ''ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ, ସେ ମୃତମାନଙ୍କ ମଧ୍ୟରୁ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ଦ୍ୱାରା ଜୀବନଦାୟକ ଭରସା ପ୍ରାପ୍ତି ନିମନ୍ତେ, ଅର୍ଥାତ୍ ଯେଉଁ ଅକ୍ଷୟ ଅକଳଙ୍କିତ, ଅଜର ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଞ୍ଚିତ ହୋଇଅଛି, ତାହା ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭମାନଙ୍କୁ ପୁର୍ନଜନ୍ମ ଦେଇଅଛନ୍ତି ।'' (୧ମ ପିତର ୧:୩-୪)

''ଅବା ଅଧାର୍ମିକମାନେ ଯେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଭ୍ରାନ୍ତ ହୁଅ ନାହିଁ. ବ୍ୟଭିଚାରୀ କି ପ୍ରତିମାପୂଜକ କି ପାରଦାରିକ କି ସ୍ତ୍ରୀବତ୍ ଆଚାରୀ କି ପୁଂମୈଥୁନକାରୀ କି ଚୋର କି ଧନଲୋଭୀ କି ମଦୁଆଳ କି ନିନ୍ଦକ କି ପରଦ୍ରବ୍ୟ ଲୁଣ୍ଠନକାରୀ, ଏମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ, ଆଉ, ତୁମ୍ଭେମାନଙ୍କ ମଧ୍ୟରୁ କେହି କେହି ଏହିପ୍ରକାର ଥିଲ, କିନ୍ତୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଓ ଆମ୍ଭମାନଙ୍କ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଧୌତ ହୋଇଅଛି, ପବିତ୍ରୀକୃତ ହୋଇଅଛ ଓ ଧାର୍ମିକ ବୋଲି ଗଣିତ ହୋଇଅଛ ।'' (୧ମ କରିନ୍ଥୀ ୬:୯-୧୧) ''ଶରୀରର କାର୍ଯ୍ୟଗୁଡ଼ିକ ତ ସ୍ପଷ୍ଟରୂପେ ଜଣା - ବ୍ୟଭିଚାର, ଅଶୁଚତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଇର୍ଷା, ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମଗୁଡ଼ିକ ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କି ହୋଇଛି ଯେ, ଯେଉଁମାନେ ଏହି ସବୁପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ

ହେବେ ନାହିଁ । କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ, ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ ।'' (ଗାଲାତି ୫:୧୯-୨୩)

''ଆଉ, ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।'' (ମାଥିଉ ୨୫:୪୬)

*- Royce Fredrick*

❋❋❋

# ''...ଈଶ୍ୱର ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି ସେହିସବୁ ବର୍ଣ୍ଣନା କର !''

## (Tell what great things He has done !)

ଗାରାଶୀୟ ଅଞ୍ଚଳରେ ଏକ ଭୂତଗ୍ରସ୍ତ ଲୋକ ସୁସ୍ଥ ହେବା ପରେ ସେ ଯୀଶୁଖ୍ରୀଷ୍ଟଙ୍କ ସହିତ ରହିବାକୁ ଇଚ୍ଛା ପ୍ରକାଶ କରିବାରୁ ଯୀଶୁ ତାହାଙ୍କୁ କହିଲେ,''ତୁମ୍ଭ ଘରକୁ ବାହୁଡ଼ିଯାଅ, ପୁଣି ଈଶ୍ୱର ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି, ସେହିସବୁ ବର୍ଣ୍ଣନା କର ।'' (ଲୂକ ୮:୩୯) । ଆମ୍ଭମାନଙ୍କ କୃପାମୟ ଈଶ୍ୱର, ଆପଣା ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଅନେକ ଆଶ୍ଚର୍ଯ୍ୟକର୍ମ ଆମ୍ଭମାନଙ୍କ ଜୀବନରେ କରିଅଛନ୍ତି । ସେଗୁଡ଼ିକ ଅନ୍ୟମାନଙ୍କ ନିକଟରେ କହି, ତାହାଙ୍କ ନାମର ଗୌରବ କରୁ ।

''ଆପଣା ବନ୍ଧୁମାନଙ୍କ ନିମନ୍ତେ ନିଜ ପ୍ରାଣଦାନ କରିବା ଅପେକ୍ଷା କାହାରି ଆଉ ଅଧିକ ଶ୍ରେଷ୍ଠ ପ୍ରେମ ନାହିଁ ।'' (ଯୋହନ ୧୫:୧୩) ଖ୍ରୀଷ୍ଟଙ୍କ ପ୍ରେମ ଅପାର ସେ ଆମ୍ଭମାନଙ୍କୁ ଅତ୍ୟନ୍ତ ପ୍ରେମ କରନ୍ତି । ତାହାଙ୍କ ଅସୀମ ପ୍ରେମ ହେତୁ ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ପ୍ରଦାନ କଲେ । ଆମ୍ଭେମାନେ ତାହାଙ୍କ ଦାସ ହେବାକୁ ଯୋଗ୍ୟ ନଥିଲେ ସୁଦ୍ଧା ସେ ଆମ୍ଭମାନଙ୍କୁ 'ବନ୍ଧୁ'ର ସ୍ଥାନ ଦେଇଅଛନ୍ତି, ''ମୁଁ ତୁମ୍ଭମାନଙ୍କୁ ଦାସ ବୋଲି କହୁନାହିଁ, କାରଣ କର୍ତ୍ତା କଅଣ କରନ୍ତି, ଦାସ ଜାଣେ ନାହିଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ବନ୍ଧୁ ବୋଲି କହିଅଛି........'' (ଯୋହନ ୧୫:୧୫) । ପିତା ପରମେଶ୍ୱରଙ୍କ ଅସୀମ ପ୍ରେମ ହେଉ, ଯୀଶୁଖ୍ରୀଷ୍ଟରୂପ ଏକ ଅତ୍ୟନ୍ତ ସ୍ନେହୀ ବନ୍ଧୁ ପ୍ରାପ୍ତ ହୋଇଅଛୁ ।

"ପାପୀମାନଙ୍କୁ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଯୀଶୁ ଯେ ଜଗତରେ: ଅବତୀର୍ଣ୍ଣ ହେଲେ, ଏହି ବାକ୍ୟ ବିଶ୍ୱାସ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ, ସେହି ପାପୀମାନଙ୍କ ମଧ୍ୟରେ ମୁଁ ପ୍ରଧାନ ।" (୧ମ ତିମଥି ୧:୧୫) । ସେ ଆମ୍ଭମାନଙ୍କ ନିମନ୍ତେ କେତେ ମହତ୍‌କର୍ମ କରିଅଛନ୍ତି ! ସେ କେବଳ ଆମର ବନ୍ଧୁ ନୁହନ୍ତି, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଅଟନ୍ତି । ଆମ୍ଭମାନଙ୍କ ପାପସକାଶେ ଅନନ୍ତ ଶାସ୍ତିରୁ ରକ୍ଷା କରିବା ନିମନ୍ତେ ଆପଣା ବହୁମୂଲ୍ୟ ରକ୍ତ କ୍ରୁଶ ଉପରେ ଢ଼ାଳି ଥିଲେ । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଜନତା ଆପଣା ଆପଣା ଦୁଃସ୍ଥିତି ଜ୍ଞାତ ହୋଇ ପ୍ରେରିତମାନଙ୍କୁ ପଚାରିଲେ, "....ଭାଇମାନେ, ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୭-୩୮) ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ ପୂର୍ବେ କହିଥିଲେ; ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ସେ ଆମ୍ଭମାନଙ୍କୁ ଅନନ୍ତ ଶାସ୍ତିରୁ ରକ୍ଷା କରି, ଆମ୍ଭମାନଙ୍କ ନିମନ୍ତେ ମହତ୍‌କର୍ମ କରିଅଛନ୍ତି ।

ସେ ଆମ୍ଭମାନଙ୍କ ଜୀବନର ସୁମଧୁର ବନ୍ଧୁ ଅଟନ୍ତି । ସେ ଆମ୍ଭମାନଙ୍କୁ ପାପରୁ ମୁକ୍ତି କରି "......ଆମ୍ଭେ ତୁମ୍ଭଙ୍କୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ ।" (ଏବ୍ରୀ ୧୩:୫) ବୋଲି ପ୍ରତିଜ୍ଞା କରିଅଛନ୍ତି । ସେ ଆମ୍ଭମାନଙ୍କୁ କେବେହେଁ ପରିତ୍ୟାଗ କରିବେ ନାହିଁ, ବରଂ ପିତା ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କ ସପକ୍ଷରେ ନିବେଦନ କରୁଅଛନ୍ତି । ' ......ଖ୍ରୀଷ୍ଟ ଯୀଶୁ ତ ମୃତ୍ୟୁଭୋଗ କଲେ ବରଂ ସେ ଉଥାପିତ ହେଲେ, ସେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି, ସେ ମଧ୍ୟ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରୁଅଛନ୍ତି ।" (ରୋମୀୟ ୮:୩୪) । ସେହି ଭୂତଗ୍ରସ୍ତ ଗଶରୀୟ ଲୋକ ସୁସ୍ଥ ହେବା ପରେ, ଯୀଶୁଙ୍କୁ ଯେପରି ଭାବେ ପ୍ରକଟ କରିଥିଲେ, ସେହିପରି ଭାବେ, ଯୀଶୁ ଆମ୍ଭମାନଙ୍କ ଜୀବନରେ କରିଥିବା ମହତ୍ ବିଷୟଗୁଡ଼ିକ ଅନ୍ୟମାନଙ୍କ ନିକଟରେ ଘୋଷଣା କରୁ ।

***- Randy Imel***


**Edited & Published by : Kabita & Joshua Gootam**

# Three Dispensations of Time

**PATRLARCHY**
Family Religion

**JUDAISM**
National Religion

**CHRISTIANITY**
Internationl Religion




**GOD SPOKE TO FATHERS**

**Genesis 12:1**

**ALTAR**

**Animal Sacrifice**

**LAW CAME BY MOSES**

**John 1:17**

**Was schoolmaster Gal. 3:24**

**Was abolished Col. 2:14**

**TABERNACLE**

**Passover** **Sabbath**

**GRACE & TRUTH BY CHRIT**

**John 1:17**

**Gospel** **Church**

**Rom. 1:16** **Acts 2:47**

**Lord's Supper** **Lord's Day**

## My Friend

I have a friend I turn to
Each and every day.
He's always there to guide me
If I should go astray.
He gives me strength when I am weak,
He calms my anger, too.
Each and every tiresome day
He helps me make it through.

Although I cannot see Him
I know without a doubt;
That when I'm sinking deep in sin
He will pull me out.

I'll love my friend forever.
We'll never grow apart.
'Cause while I'm living in this world I have
jesus in my heart.

-Aubri Finley

**From :**


**SATYA VANI**
**P.O. BOX. 80**
**KAKINADA - 533 001.**


**PRINTED BOOK ONLY**

**To**

**(FOR PRIVATE CIRCULATION ONLY)**